No. of Printed Pages : 4

5-SEMA-Odia-DSE-I(R&B)

# 2023

***Time - 3 hours***

***Full Marks - 80***

*Answer **all groups** as per instructions.*

*Figures in the right hand margin indicate marks.*

## <u>GROUP – A</u>

୧ । ଉପଯୁକ୍ତ ଉତ୍ତରମୂଳକ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର । (<u>ସମସ୍ତ</u>) [୧ × ୧୨

(କ) କପିଳେନ୍ଦ୍ର ଦେବ ________ ରାଜବଂଶ ପ୍ରତିଷ୍ଠା କରିଥିଲେ ।

(ଖ) ଭୋଇବଂଶ ________ ପ୍ରତିଷ୍ଠା କରିଥିଲେ ।

(ଗ) ଓଡ଼ିଶା ________ ମସିହାରେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ।

(ଘ) ଶ୍ରୀଚୈତନ୍ୟ ________ ମସିହାରେ ଓଡ଼ିଶା ଆସିଥିଲେ ।

(ଙ) ବଜ୍ରଯାନ ସାଧନା ________ ଧର୍ମ ସହ ଜଡ଼ିତ ।

(ଚ) ଜାଗର ଓଷା ________ ଧର୍ମ ସହ ଜଡ଼ିତ ।

(ଛ) ଶ୍ରୀକ୍ଷେତ୍ର ପୁରୀକୁ ________ କ୍ଷେତ୍ର କୁହାଯାଏ ।

(ଜ) ରଥଯାତ୍ରା ________ ତିଥିରେ ପାଳନ କରାଯାଏ ।

(ଝ) 'ହୋ' ଜନଜାତିର ମୁଖ୍ୟପର୍ବ ହେଉଛି ________ ।

P.T.O.

(ଞ) ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ଦିନ ________ ପାଳନ କରାଯାଏ।

(ଟ) ________ ଏକ କୃଷିଭିତ୍ତିକ ପର୍ବ ଅଟେ।

(ଠ) ଟଅପୋଇ ________ ଓଷା ସହ ଜଡ଼ିତ।

## GROUP - B

୨। ପ୍ରତ୍ୟେକକୁ ଦୁଇ ବା ତିନୋଟି ବାକ୍ୟରେ ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ଲେଖ। [୨ × ୮

(କ) 'ଓଡ୍ର' ଶବ୍ଦରୁ କିପରି 'ଓଡ଼ିଶା' ହୋଇଛି ବୁଝାଅ।

(ଖ) ଭୌମକର ରାଜବଂଶ କେଉଁ ସମୟରେ ପ୍ରାଚୀନ ଓଡ଼ିଶାରେ ଶାସନ କରୁଥିଲେ ?

(ଗ) ସମ୍ରାଟ ଖାରବେଳଙ୍କ ପରିଚୟ ପ୍ରଦାନ କର।

(ଘ) ଚର୍ଯ୍ୟାଗୀତିକା କହିଲେ କଣ ବୁଝ ?

(ଙ) ଶୈବଧର୍ମକୁ ନେଇ ରଚିତ ସାହିତ୍ୟକୃତିଗୁଡ଼ିକର ନାମ ଲେଖ।

(ଚ) ଉତ୍କଳୀୟ ବୈଷ୍ଣବ ଧର୍ମ କଣ ?

(ଛ) ସ୍ନାନପୂର୍ଣ୍ଣିମା ଦିନ ଜଗନ୍ନାଥଙ୍କର କେଉଁ ବେଶ ଅନୁଷ୍ଠିତ ହୁଏ ?

(ଜ) କେଉଁ ଜନଜାତିର ଲୋକମାନେ କରମା ପୂଜା କରନ୍ତି ?

(ଝ) 'ମାଣବସା ଗୁରୁବାର' କେବେ ଓ କାହିଁକି ପାଳନ କରାଯାଏ ?

(ଞ) 'ଜନ୍ମାଷ୍ଟମୀ' କେବେ ଓ କାହିଁକି ପାଳନ କରାଯାଏ ?

## GROUP – C

୩ ।  ପ୍ରତ୍ୟେକକୁ ୭୫ଟି ଶବ୍ଦ ମଧ୍ୟରେ ଯେକୌଣସି ୮ଟିର ଟିପ୍ପଣୀ ପ୍ରଦାନ କର ।
[୩ × ୮

(କ) କୋଣାର୍କ ମନ୍ଦିର

(ଖ) ବାରବାଟୀ ଦୁର୍ଗ

(ଗ) ପାଇକ ବିଦ୍ରୋହ

(ଘ) ବୌଦ୍ଧ ସହଜଯାନ

(ଙ) ଶୂନ୍ୟ ସାଧନା

(ଚ) ଗୌଡ଼ୀୟ ବୈଷ୍ଣବ ତତ୍ତ୍ୱ

(ଛ) ଶ୍ରୀଜଗନ୍ନାଥଙ୍କ ସୁନାବେଶ

(ଜ) ଆଦିବାସୀ ସଂସ୍କୃତିରେ ନୃତ୍ୟ ଓ ଗୀତ

(ଝ) ଦଶହରା ପର୍ବ

(ଞ) ରାଇ ଦାମୋଦର ବ୍ରତ

## GROUP – D

ସମସ୍ତ ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର ।

୪ ।  ସୂର୍ଯ୍ୟବଂଶର ଶାସନକୁ ପ୍ରାଚୀନ ଓଡ଼ିଶାର ସୁବର୍ଣ୍ଣଯୁଗ କାହିଁକି କୁହାଯାଏ ଆଲୋଚନା କର । [୭

ଅଥବା

ଇଂରେଜ ଶାସନ କାଳରେ ଓଡ଼ିଶାର ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ଚିତ୍ର କିପରି ଥିଲା ଆଲୋଚନା କର।

୫। ଓଡ଼ିଶାରେ ବୈଷ୍ଣବ ଧର୍ମର କିପରି ବିକାଶ ହୋଇଥିଲା ଦର୍ଶାଅ। [୭

ଅଥବା

ଶୈବ ସଂସ୍କୃତିର ବିଶେଷତ୍ୱଗୁଡ଼ିକ ଦର୍ଶାଅ।

୬। ଆଦିବାସୀ ସଂସ୍କୃତିର ବିଶେଷତ୍ୱଗୁଡ଼ିକୁ ଉପସ୍ଥାପନ କର। [୭

ଅଥବା

ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ସମ୍ପର୍କରେ ଆଲୋଚନା କର।

୭। ଓଡ଼ିଶାରେ ପାଳନ କରାଯାଉଥିବା ଓଷାବ୍ରତଗୁଡ଼ିକର ସୂଚନା ପ୍ରଦାନ କର। [୭

ଅଥବା

ଓଡ଼ିଆ ପର୍ବପର୍ବାଣୀଗୁଡ଼ିକର ପରିଚୟ ପ୍ରଦାନ କର।